## ଭାରତକୁ କିଛି ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ

**ବିରୋଧୀ ଦଳର ନେତା, ରାଜ୍ୟସଭା ଶ୍ରୀ ଅରୁଣ ଜେଟଲୀଙ୍କ ୩୧.୦୧.୨୦୧୩ ରେ ମୁମ୍ବାଇରେ ହୋଇଥିବା କେ.ସି ମହାବିଦ୍ୟାଳୟର କେ.ଏମ. କୁନ୍ଦାନାନୀ ସମ୍ମାରକୀରେ ଦେଇଥିବା ବିଷଦ ଅଭିଭାଷଣ ।**

ଆମକୁ ଆଶା ଓ ନିରାଶବାଦ ଉଭୟ ପରିସ୍ଥିତି ନେଇ ବଞ୍ଚିବାକୁ ହୁଏ । ହତାଶମୟ ପରିବେଶ ମଧ୍ୟ ଦେଇ ଅତିକ୍ରମ କରିବା ସମୟରେ ଜନତାଙ୍କ ଆକ୍ରୋଶ ଅଧିକ ହୋଇଥାଏ । ମାତ୍ର ସେ ସବୁକୁ ଧର୍ଯ୍ୟର ସହ ସହ୍ୟ କରି ଆମେ ଉକ୍ତ ପରିସ୍ଥିତି ଉପରେ ଜୟଲାଭ କରିପାରିଥାଉ ।

ଆମ ଦେଶର ହାରାହାରି ୬୦% ଜନତା କୃଷି ଉପରେ ନିର୍ଭରଶୀଳ ଏବଂ ଦେଶର ଜି.ଡ଼ି.ପିର ପ୍ରାୟ ୧୬% କୃଷିରୁ ହିଁ ମିଳିଥାଏ ଓ ୬୦% ଚାକିରିରୁ ମିଳିଥାଏ । କାରଣ ଦେଶର ଚାକିରି କ୍ଷେତ୍ର ମାନ  ସରକାରଙ୍କ ନୀତି ନିୟମ ଓ ନିର୍ମାଣଧୀନ କାର୍ଯ୍ୟର ଅଭାବ ଉପରେ ନିର୍ଭର କରେନାହିଁ । ଯାହା ଫଳରେ ଦେଶର ବହୁ ସଂଖ୍ୟକ ଜନତା କୃଷିଠାରୁ ନିବୃତ୍ତ ହୋଇ ଉତ୍ପାଦନ କ୍ଷେତ୍ର ଓ ଚାକିରିରେ ନିଯୁକ୍ତ ହେଉଛନ୍ତି । ଯାହାକି ଦେଶର ଭବିଷ୍ୟତକୁ ପତନାଭିମୁଖୀ କରୁଅଛି ।

**ରାଜନୀତି କିପରି ହେବା ଆବଶ୍ୟକ ?**

ସାଂସଦୀୟ ଗଣତନ୍ତ୍ରରେ ରାଜନୀତି ହେଉଛି ଜାତିର ପ୍ରାଣକେନ୍ଦ୍ର ଓ ରାଜନୀତିରୁ ହିଁ ନୂତନ ନୀତି ନିୟମର ଉଦ୍ଭବ ହୋଇଥାଏ । ସେହି ନୀତି ନିୟମ ଗୁଡ଼ିକ ହିଁ ଦେଶକୁ ଦିଗ ଦର୍ଶନ ଦେଇଥାଏ । ତେଣୁ ରାଜନୀତିର କ୍ଷମତା ମଧ୍ୟ ଅସୀମ ଅଟେ । ଏଭଳି ସ୍ଥିତିରେ ମଣିଷ ଯେକି ରାଜନୀତିକୁ ପରିଚାଳନା କରିଥାଏ ତାହା ପାଖରେ ସ୍ୱଚ୍ଛ ସରକାର ଗଠନ କରିବାର କିଛିଟା ସାମଞ୍ଜସ୍ୟ ଥିବା ଆବଶ୍ୟକ । ଆଜି ପ୍ରଶ୍ନ ଉଠେ ଯଦି ଦେଶର କୁଶାସନ ତଥା ଭ୍ରଷ୍ଟାଚାର ସତ୍ତ୍ୱେ ଦେଶର ଜି.ଡ଼ି.ପି ୯%କୁ ବୃଦ୍ଧି ପାଇପାରେ ତେବେ ଉପଯୁକ୍ତ ନୀତି ନିୟମ ପ୍ରଣୟନ ଦ୍ୱାରା ଏହାର କେତେ ପରିବର୍ତ୍ତନ ହୋଇପାରିବ ?

ଗତ ଦୁଇ ଦଶନ୍ଧି ଧରି ଦେଶର ରାଜନୀତିରେ ଦଳ ଗୁଡ଼ିକର ଅଧୋପତନ ହେବାକୁ ଲାଗୁଛି । କିଛି ଦଳରେ କେବଳ ନିଜ ପରିବାରର ସଦସ୍ୟ ମାନେ ହିଁ ସାମିଲ । କିଛି ଦଳର

ସ୍ଥିତି ଜାତି ଓ ଧର୍ମକୁ ନେଇ ପ୍ରତିଷ୍ଠିତ । କିଛି ଅସାଂଗଠନିକ ଦଳରେ କୌଣସି ନୀତି ନିୟମ ହିଁ ନଥାଏ । ସେଠି ବଂଶାନୁକ୍ରମେ କ୍ଷମତାର ହସ୍ତାନ୍ତର ହୁଏ । ସବୁଠାରୁ ଆଶ୍ଚର୍ଯ୍ୟକର ମନେହୁଏ କି, ବିଶ୍ୱର ସବୁଠାରୁ ବୃହତ ଗଣତନ୍ତ୍ର ଆଜି ଦକ୍ଷତା ଯୁକ୍ତ ବ୍ୟକ୍ତି ବିଶେଷ ଠାରୁ ଦୂରେଇ ଯାଇ ବଂଶାନୁକ୍ରମିକ ନୀତିକୁ ଆପଣେଇଛି । ତେଣୁ ଏଭଳି ଗଣତନ୍ତ୍ରର ପତନ ଘଟିବା ସ୍ୱଭାବିକ କଥା । ରାଜନୀତିରେ ଆଜି ପୂର୍ବ ପରିଚୟ ପ୍ରଧାନ ସ୍ଥାନ ଅଧିକାର କରିଅଛି । ଜାତୀୟତାବାଦୀ ନେତାଙ୍କ ପାଇଁ ଆଜି ସୁସ୍ଥ ନୀତି ନିୟମମାନ ପରିତ୍ୟକ୍ତ ଅବସ୍ଥାରେ ଉପନୀତ । ଏଭଳି ନିରାଶାର ଘନ ବାଦଲ ମଧ୍ୟରେ ଭି ଆଶାର ରବି ଉଦୀୟମାନ ହେବାର ସମ୍ଭାବନା ଦେଖାଯାଏ । କାରଣ ଦେଶର ମଧ୍ୟବିତ୍ତ ଓ ଉଚ୍ଚ ଆଙ୍କାକ୍ଷି ଗୋଷ୍ଠି ଆଜି ବୃଦ୍ଧି ପାଇବାରେ ଲାଗିଛନ୍ତି । ଜନତା ଦିନକୁ ଦିନ ଏଭଳି ବାତାବରଣରେ ଅଣନିଶ୍ୱାସୀ ହୋଇ ଉଠୁଛନ୍ତି । ସେହି ଜନତାଙ୍କ ମନ୍ତବ୍ୟ ହିଁ ଦେଶର ରାଜନୀତିକୁ ନୂତନ ମୋଡ଼ ଦେଖାଇ ପାରିବ । ଯେତେବେଳେ ରାଜନୀତି କୌଣସି ଜାତି ଓ ସଂଗ୍ୟାଠାରୁ ଉର୍ଦ୍ଧ୍ୱକୁ ଯାଇ ସେଠାରେ କେବଳ ଦେଶର ଅଖଣ୍ଡତାକୁ ଓ ବ୍ୟକ୍ତି ବିଶେଷର ଯୋଗ୍ୟତାକୁ ପ୍ରାଧାନ୍ୟତା ଦିଆଯାଏ ସେତେବେଳେ ହିଁ ରାଜନୀତିର ବାସ୍ତବତା ପ୍ରତିପାଦିତ ହୋଇଥାଏ ଓ ସେତେବେଳେ ହିଁ ଦେଶରେ ସୁଶାସନ ପ୍ରତିଷ୍ଠିତ ହୋଇଥାଏ ।

## ପଙ୍ଗୁପାୟ ନୀତି ନିୟମ ଓ ଦାରିଦ୍ର୍ୟ ଦୂରିକରଣ

ସ୍ୱଚ୍ଛ ସରକାର ପାଇଁ ଏକ ଦୃଢ଼ ତଥା ବିଶ୍ୱସ୍ତ ନେତୃତ୍ୱର ଆବଶ୍ୟକତା ରହିଅଛି । ହେଲେ ନୀତି ନିୟମ ପ୍ରଣୟନ ସମୟରେ ଉପଯୁକ୍ତ ନିଷ୍ପତ୍ତି ନେବାର ଦକ୍ଷତା ମଧ୍ୟ ଆବଶ୍ୟକ । ଦେଶର ଅର୍ଥନୈତିକ ପ୍ରକଳ୍ପ କିପରି ହେବ ସେଥିପାଇଁ ମଧ୍ୟ ସର୍ବସମ୍ମତି ନେବା ଉଚିତ । ଆଗାମୀ ୧୦ ବର୍ଷରେ ଯଦି ଆମକୁ ୯% ଜି.ଡ଼ି.ପି ବୃଦ୍ଧି କରିବାକୁ ହେବ ତେବେ ତାହା ଦେଶର ପୁଞ୍ଜି ନିବେଶକୁ କେନ୍ଦ୍ର କରି କରାଯିବ । ଯଦ୍ୱାରା ନୂତନ ନିଯୁକ୍ତି ଓ ରାଜସ୍ୱର ବୃଦ୍ଧି ମଧ୍ୟ ହେବ । ଫଳରେ ଦେଶର ନିର୍ମାଣାଧୀନ କାର୍ଯ୍ୟ, ସାମାଜିକ ଉନ୍ନୟନ କାର୍ଯ୍ୟ ଓ ଦାରିଦ୍ର୍ୟ ଦୂରିକରଣ ଯୋଜନା ସବୁ ଆଗକୁ ବଢ଼ି ପାରିବ । ମାତ୍ର ବିଗତ ଦଶ ବର୍ଷ ଧରି ସରକାରଙ୍କର ପଙ୍ଗୁପ୍ରାୟ ନୀତି ନିୟମ ବିଶ୍ୱସନୀୟତାର ଅଭାବ ଓ ସୁନେତୃତ୍ୱର ଘୋର ଅଭାବ ଦେଖା ଦେଇଛି । ଆମକୁ ପ୍ରଥମେ ଏଭଳି ସ୍ଥିତିକୁ ବଦଳାଇବାକୁ ହେବ । ଆମର ଦାରିଦ୍ର୍ୟ ଦୂରିକରଣ ଯୋଜନାରେ ପ୍ରଥମେ ଆମକୁ ଲୋକମାନଙ୍କର ରୋଜଗାର ବା ଆୟକୁ ବୃଦ୍ଧି କରାଇବା ପ୍ରତି ଜତ୍ନବାନ ହେବାକୁ ହେବ । ମୂଲିଆ ମଜଦୁରିଆଙ୍କଠରୁ ଆରମ୍ଭକରି ଅଳିଆ ଆବର୍ଜନାରୁ ପଦାର୍ଥ ସଂଗ୍ରହ କରି ବଞ୍ଚୁଥିବା ଲୋକ ତଥା ସମାଜର ଦୁର୍ବଳ ଶ୍ରେଣୀର ଉତ୍ଥାନ ପାଇଁ ପଦକ୍ଷେପ

ନେବା, ସେମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଜତ୍ନବାନ ହେବା, ଆଦିବାସୀ ଓ ଗ୍ରମାଞ୍ଚଳରେ ଉନ୍ନୟନ ମୂଳକ କାର୍ଯ୍ୟ କରିବା ମଧ୍ୟ ଜରୁରୀ । ଆମ ଦେଶର ନିର୍ମାଣାଧୀନ କ୍ଷେତ୍ରରେ ବିକାଶ ହେଲେ ଦେଶର ବିକାଶ ଅବଶ୍ୟମ୍ଭାବୀ । ମାତ୍ର ଦୁର୍ଭାଗ୍ୟ ବସତଃ ଦେଶର ଟେଲିକମ କ୍ଷେତ୍ର ଓ ଜାତୀୟ ରାଜପଥ ଭଳି କେତେକ କ୍ଷେତ୍ର ଭ୍ରଷ୍ଟାଚାରରେ ଆକ୍ରାନ୍ତ । ଯାହାକି ଦୃଢ଼ ଅର୍ଥନୀତି ପାଇଁ ବା ପୁଞ୍ଜି ଲାଗାଣ ପାଇଁ ଅନୁକୂଳ ବାତାବରଣ ନୁହେଁ । ତାହା ସହ ପରିବେଶ ସୁରକ୍ଷା ନାଆରେ ଯେଉଁ ନୂଆ ଲାଇସେନ୍ସ ରାଜ ଚାଲିଛି ତାହା ମଧ୍ୟ ପ୍ରଗତୀ ପଥରେ ଅନ୍ୟ ଏକ ବାଧକ । ଅର୍ଥନୀତି ବିଜ୍ଞାନ ଓ ପରିବେଶ ବିଜ୍ଞାନ ଉଭୟର ଯଦିଓ ଆବଶ୍ୟକତା ରହିଛି ତଥାପି ତାହା ପ୍ରଗତୀ ପଥରେ ବାଧକ ସାଜିବା ଅନୁଚିତ । ଆଜିର ଯୁଗରେ ଜନତା ସାଧାରଣତଃ କମ ମୂଲ୍ୟ ଦେଇ ଜିନିଷ କ୍ରୟ କରିବାକୁ ପସନ୍ଦ କରନ୍ତି । କମ ମୂଲ୍ୟରେ ଉତ୍ପାଦନ ହେଉଛି ସଫଳତାର ଚାବିକାଠି । ସୁଧ ହାର ହ୍ରାସ ପାଇବା, ନିର୍ମାଣାଧୀନ କାର୍ଯ୍ୟରେ ବିକାଶ, ଶକ୍ତି କ୍ଷେତ୍ରର ସଦୁପଯୋଗ ବୈଦେଶିକ ଦର ସହ ତୁଳନା କରି ଜନତାଙ୍କ ଅଭାବ ପୂରଣ କରୁଥିବା ଭଳି ଜିନିଷ ଯୋଗାଣ ହେଉଛି ଆଜିର ବିଶେଷ ଆବଶ୍ୟକତା ।

ଆମକୁ ପରିବହନ ପାଇଁ ରାଜପଥ, ବନ୍ଦର ଓ ଗ୍ରାମାଞ୍ଚଳର ସଡ଼କ ପଥ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ହେବ । ଦେଶର ପର୍ଯ୍ୟଟନ ଶକ୍ତିକୁ ବିକାଶ କରିବାକୁ ହେବ । ପର୍ଯ୍ୟଟନ ଆଧାରିତ ଶିଳ୍ପ ଉପରେ କମ କର ଧାର୍ଯ୍ୟ କରିବା, ବିମାନ ବନ୍ଦର ଓ ରେଳ କ୍ଷେତ୍ରର ଉନ୍ନତି ଏବଂ ହୋଟେଲ ମାନଙ୍କରେ ସୁଲଭ ଦର ଦ୍ୱାରା ପର୍ଯ୍ୟଟନର ବିକାଶ ହୋଇ ପାରିବ । ଆମକୁ ଆମ ଦେଶର ଅଭ୍ୟନ୍ତରୀଣ ପରିବହନ ପାଇଁ ରହିଥିବା କଟକଣାକୁ କିଛିଟା କୋହଳ କରିବା ଆବଶ୍ୟକ । ଉଚ୍ଚ କରଦାନ ନୀତି ନିୟମକୁ ପଙ୍ଗୁ ପ୍ରାୟ କରିବା ସହ ଦୀର୍ଘ ଦିନ ପାଇଁ ଫଳପ୍ରଦ ହୋଇ ନଥାଏ । ତେଣୁ କରଦାନ ଏପରି ହେବା ଜରୁରୀ କି ତାହା ଆନ୍ତର୍ଜାତୀୟ ସ୍ତରରେ ତୁଳନୀୟ ହେଉଥିବ । ଯାହା ଫଳରେ ଆମେ ରପ୍ତାନୀ କର ଦେଇ ସୁବିଧାରେ ଜିନିଷ ରପ୍ତାନୀ କରିପାରିବୁ । ଶିକ୍ଷାର ସଂପ୍ରସାରଣ, ସୂଚନା ପ୍ରସାରଣ, ଟେଲିକମ କ୍ଷେତ୍ର, ଅଟୋ ସେକ୍ଟର, ରାଜପଥ, ସହରାଞ୍ଚଳର ଗୃହ ନିମାଣ, ଆଦି ବିଭିନ୍ନ କ୍ଷେତ୍ରର ସଫଳତାର କାହାଣୀ ଆମ୍ଭେମାନେ ଶୁଣିଅଛୁ । ସେଗୁଡ଼ିକୁ ହ୍ରାସ କରାଇବାକୁ ନଦେଇ ବରଂ ସେଥିରେ କିଛି ନୂତନ ଯୋଜନା ଯୋଡ଼ି ତାହାର ଅଗ୍ରଗତି କରାଇବା ମଧ୍ୟ ଆବଶ୍ୟକ ।

**ମିଳିତ ସରକାର**

ଆଜି ଦେଶରେ କୌଣସି ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିବା ବା ଦୃଢ଼ ନେତୃତ୍ୱ ଗଢ଼ିବାର ଦିନ ଶେଷ ହୋଇ ଯାଇଛି । ସ୍ୱାଧୀନତାର ପ୍ରଥମ କେତେ ବର୍ଷ ଦେଶର ଏକତା ଓ ଅଖଣ୍ଡତା ଉପରେ ଆଞ୍ଚ ଆସିବାରୁ ରାଜନୈତିକ ପରିସ୍ଥିତି ଦୁଃସ୍ଥ ହୋଇଯାଇଥିଲା । ଦେଶର ଅଖଣ୍ଡତା ପାଇଁ ସାର୍ବଭୌମ୍ୟତା ବ୍ୟତିକ ଆର୍ଥିକ ଉନ୍ନତି ଦାରିଦ୍ର୍ୟ ଦୂରିକରଣ, ଆଞ୍ଚଳିକ ଉଚ୍ଚ ଆକାଂକ୍ଷା ଓ ସଙ୍ଘୀୟ ଢ଼ାଞ୍ଚା ମଧ୍ୟ ଗୋଟିଏ ଗୋଟିଏ ମୁଖ୍ୟ ଘଟଣା । ସଙ୍ଘୀୟ ଢ଼ାଞ୍ଚା ଆଜି ରାଜ୍ୟର ଆଞ୍ଚଳିକତା ମଧ୍ୟରେ ବିଭାଜିତ । କେଉଁ ଦଳ ଦିଲ୍ଲୀରେ ରହି ଶାସନ ଚଳାଇବ ତାହା ଆଞ୍ଚଳିକ ଦଳମାନ ସ୍ଥିର କରୁଛନ୍ତି । ସେଠି ମିଳିତ ସରକାରକୁ ଧରି  ରଖିବା ପାଇଁ ଏକ ବିରାଟ ଜାତୀୟ ଦଳର ଆବଶ୍ୟକତା ରହିଅଛି ଏବଂ ଉକ୍ତ ଦଳକୁ ମଧ୍ୟ ଲୋକସଭାରେ ସଂଖ୍ୟା ଗରିଷ୍ଠତା ମିଳିବା ଦରକାର । ତେଣୁ ଏକ ସଫଳ ମିଳିତ ସରକାର ତିଷ୍ଠି ରହିବା ପାଇଁ ଜାତୀୟ ଦଳ ଗୁଡ଼ିର ଉଦାର ହୃଦୟରେ ଆଞ୍ଚଳିକ ଦଳକୁ ଚଳାଇବାର କ୍ଷମତା ରହିବା ସହ ଆଞ୍ଚଳିକ ଦଳ ଗୁଡ଼ିକର ମଧ୍ୟ ଜାତୀୟ ସ୍ତରୀୟ ଦୂରଦୃଷ୍ଟି ରହିବା ଆବଶ୍ୟକ ।

**ଭ୍ରଷ୍ଟାଚାର**

ଭ୍ରଷ୍ଟାଚାର ଆଜି ଦେଶର ଶାସନକୁ ତ୍ରସ୍ତ ନସ୍ତ କରିଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯାହାର ପରିଣାମ ସ୍ୱରୂପ ପୁଞ୍ଜି ନିବେଶ ହ୍ରାସ ପାଇବା ସହ ଦର ଦାମର ମଧ୍ୟ ବୃଦ୍ଧି ଘଟୁଅଛି । ଦେଶର ରାଜପଥ ଓ ଟେଲିକମ କ୍ଷେତ୍ର ଭ୍ରଷ୍ଟାଚାରରେ ଆକ୍ରାନ୍ତ ହୋଇଥିବା ବେଳେ କୋଇଲାର ସ୍ୱେଚ୍ଛାଚାରୀତା ଆବଣ୍ଟନ ପାଇଁ ଶକ୍ତି କ୍ଷେତ୍ର ଗୁଡ଼ିକ ମଧ୍ୟ ଦୁଃସ୍ଥ ଅବସ୍ଥାରେ । ୧୯୧୯ ମସିହାର ଲାଇସେନ୍ସ ରଦ୍ଦ କରିବା କାର୍ଯ୍ୟକ୍ରମ ଅଦ୍ୟାବଦି ଆଶାନୁରୂପ ହୋଇ ପାରିନାହିଁ । ଜମି ସମ୍ବନ୍ଧିତ ବ୍ୟପାର, ରିଏଲ ଇଷ୍ଟେଟ, ପ୍ରାକୃତିକ ସମ୍ପଦର ଆବଣ୍ଟନ, ଖଣି, ମଦ୍ୟ, ଘରୋଇ କ୍ଷେତ୍ରର ଶିକ୍ଷା ଆଦି ପ୍ରତ୍ୟେକ କ୍ଷେତ୍ର ଭ୍ରଷ୍ଟାଚାରରେ ଲିପ୍ତ ଅଟନ୍ତି ।

ସ୍ୱାଧୀନତାର ଦୀର୍ଘ ୬୫ ବର୍ଷ ପରେ ମଧ୍ୟ କୌଣସି ରାଜନୈତିକ ପାଣ୍ଠି ଦୃଶ୍ୟମାନ ନହେବା ଆମପାଇଁ ଏକ ଅନୁଶୋଚନାର ବିଷୟ । ବର୍ତ୍ତମାନ କୌଣସି ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ବିରୋଧରେ ଅନୁସନ୍ଧାନ କରିବା ପାଇଁ ଲୋକପାଳଙ୍କ ନିଯୁକ୍ତି ସମସ୍ତଙ୍କ ପାଖରେ ଏକ ଚର୍ଚ୍ଚାର ବିଷୟବସ୍ତୁ ହୋଇଅଛି । ଏପରିକି ଜନସାଧାରଣ ଜନତାଙ୍କ ବହୁ ଚାପ ସତ୍ତ୍ୱେ ମଧ୍ୟ ସରକାର ଏକ ନିରପେକ୍ଷ ଲୋକପାଳ ନିଯୁକ୍ତି କରୁନାହାନ୍ତି । ଯଦି ସି.ବି.ଆଇ କୁ ତାହାର ତଦନ୍ତ ଦାୟିତ୍ୱ ଦିଆଯିବ

ତେବେ ସି.ବି.ଆଇ ର ନିୟନ୍ତ୍ରଣ କେନ୍ଦ୍ର ସରକାରଙ୍କ ହାତରେ ନ ରହିବା ଉଚିତ । କେନ୍ଦ୍ର କ୍ୟାବିନେଟର ବିବେଚନା କମିଟିର ଚରମ ପତ୍ର ଆସିବା ପୂର୍ବରୁ ମୁଁ ସେଥିରେ କିଛି ପରିବର୍ତ୍ତନ ଆଣିବା ପାଇଁ କହିଥିଲି । ତାହା ହେଲା, ସି.ବି.ଆଇ ଡ଼ାଇରେକ୍ଟରଙ୍କୁ ସରକାରୀ ଚାକିରୀରେ ପୁନଃନିଯୁକ୍ତି ମିଳିବା ଅନୁଚିତ । ଯାହା ଫଳରେ ସି.ବି.ଆଇ ନିର୍ଭୟ ଓ ନିରପେକ୍ଷ ଭାବରେ କାର୍ଯ୍ୟ କରିପାରିବ ନାହିଁ । ତଦନ୍ତକାରୀ ଅଫିସରଙ୍କୁ ଲୋକପାଳଙ୍କ ଅନୁମୋଦନ ବିନା ଅଧା ତଦନ୍ତରୁ ଦବଳି କରାଯାଇ ପାରିବ ନାହିଁ । କୌଣସି ସରକାରୀ କର୍ମଚାରୀଙ୍କ ବିରୋଧରେ ତଦନ୍ତ କରିବା ପୂର୍ବରୁ ତାଙ୍କୁ ପୂର୍ବରୁ ସୂଚନା ଦିଆଯିବ ନାହିଁ । କାରଣ ପୂର୍ବ ସୂଚନା ମାଧ୍ୟମରେ ସେ ନିଜ ବିରୋଧରେ ଥିବା ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ନଷ୍ଟ କରିଦେବେ । ଲୋକପାଳ ନିଯୁକ୍ତି ସମୟରେ ଧର୍ମ ନେଇ ଆରକ୍ଷଣର ବ୍ୟବସ୍ଥା ରହିବ ନାହିଁ ।

**ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ**

ଆମକୁ ପ୍ରଥମେ ଜାତି ଓ ଧର୍ମ ନେଇ ସମାଜରେ ଯେଉଁ ଭଳି ବିଭେଦ ରହିଅଛି ତାହାକୁ ହଟାଇବାକୁ ହେବ । ଯଦି କୌଣସି ମନ୍ତବ୍ୟ ସମ୍ପ୍ରଦାୟ ଓ ସମ୍ପ୍ରଦାୟ ମଧ୍ୟରେ ଥିବା ସମ୍ପର୍କକୁ ଆଘାତ ଦେଉଥାଏ, ତେବେ ତାହାକୁ ପରିବେଷଣ କରିବା ପୂର୍ବରୁ ଚିନ୍ତା କରିବା ଆବଶ୍ୟକ । ଦୟା ଓ ନିର୍ଭିକତା ଏକ ପରିପୃପ୍ତ ସମାଜର ଧର୍ମ । ବର୍ତ୍ତମାନ ଦିଲ୍ଲୀରେ ହୋଇଥିବା ଗଣ ଧର୍ଷଣ ଘଟଣା ଏକ ସ୍ୱାଧୀନ ଦେଶର ସମାଜ ପାଇଁ ବିରାଟ ଧକ୍କା କହିଲେ ଚଳେ । ଯୁବତୀ ଜଣଙ୍କୁ ଯେପରି ବର୍ବର ସମ ଅମାନବିକ ବ୍ୟବହାର ପ୍ରଦର୍ଶନ କରାଗଲା ତାହା କୌଣସି ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ ।

ଆମ ଦେଶର ହରିଜନ ଓ ଗିରିଜନ ଲୋକମାନେ ଆଜି ମଧ୍ୟ ସମସ୍ତ ପ୍ରକାରର ସୁବିଧା ସୁଯୋଗ ପାଇପାରୁ ନାହାନ୍ତି । ଦାରିଦ୍ର୍ୟ ଦୂରିକରଣ ଓ ଆରକ୍ଷଣ ଯୋଜନା ମାଧ୍ୟମରେ ସେମାନଙ୍କୁ ବିଭିନ୍ନ ପ୍ରକାରର ସୁବିଧା ଯୋଗାଇ ସମସ୍ତଙ୍କ ସହ ସମାନ କରିବା ସହ ତାଙ୍କ ପ୍ରତି ଅତୀତରୁ ହୋଇ ଆସୁଥିବା ଅନ୍ୟାୟକୁ ରୋକିବା ଉଚିତ ।

କୌଣସି ବକ୍ତବ୍ୟ ବା ଚଳଚିତ୍ରର ବିରୋଧରେ ପ୍ରତିବାଦ କରି କେବେ ମଧ୍ୟ ସମାଜର ମୁକ୍ତି କ୍ରୟ କରାଯାଇ ନପାରେ । ଯେଉଁ ବ୍ୟକ୍ତିମାନେ ସମାଜର ଉଚ୍ଚ କ୍ଷମତାରେ ଅଧିଷ୍ଠିତ ସେମାନଙ୍କୁ କହିବା ଆଗରୁ ଚିନ୍ତା କରିବା ଆବଶ୍ୟକ । ଯେପରି ତାଙ୍କ ମନ୍ତବ୍ୟରେ କେହିହେଲେ କ୍ରୋଧାନ୍ୱିତ

ହେବାର ସମ୍ଭାବନା ଦେଖାଯିବ ନାହିଁ । ମୁଁ ଯେକୌଣସି ଭ୍ରଷ୍ଟାଚାର ପାଇଁ କୌଣସି ଜାତିକୁ ଦୋଷ ଦେବା କଥାରେ ଆଦୌ ସହମତ ନୁହେଁ । ଯଦି ନିଜ ମନ୍ତବ୍ୟରେ ସାମ୍ବିଧାନିକ ଦୃଷ୍ଟିରୁ କିଛି ଭୁଲ ନଥାଏ ତେବେ ସେଥିରେ ବିରୋଧ କରିବାର କିଛି ବିଷୟ ବସ୍ତୁ ନାହିଁ ।

**ଆତଙ୍କ ଓ ବିଦ୍ରୋହ**

ଭାରତ ଆଜି ସୀମା ପାର ତଥା ବିଭିନ୍ନ ପ୍ରକାରର ଆଭ୍ୟନ୍ତରୀଣ ଆତଙ୍କବାଦର ସମ୍ମୁଖୀନ ହେଉଅଛି । ବିଭାଜନ ସମୟରୁ କାଶ୍ମୀର ସମସ୍ୟା ଏକ ଅମୀମାଂସିତ ସମସ୍ୟା ହୋଇ ରହିଅଛି । ପାକିସ୍ତାନ କେବେ ମଧ୍ୟ କାଶ୍ମୀରକୁ ଭାରତର ଅବିଭାଜ୍ୟ ଅଙ୍ଗ ବୋଲି ସ୍ୱୀକାର କରୁନାହିଁ । ବହୁ ଯୁଦ୍ଧର ପ୍ରଚେଷ୍ଟା ପରେ ବର୍ତ୍ତମାନ ସୀମା ପାର ହୋଇ ଦେଶ ଭିତରେ ଆତଙ୍କବାଦ ଚଳାଇ ଆସିଛି । ପାକିସ୍ତାନକୁ ବୁଝିବା ଆବଶ୍ୟକ କି, ତାକୁ କାଶ୍ମୀର ଉପରେ ଲୋଲୁପ ଦୃଷ୍ଟି ନପକାଇ ବରଂ ନିଜ ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ କରିବା ଉପରେ ଜତ୍ନଶୀଳ ହେବା ଜରୁରୀ । ପାକିସ୍ତାନର ଅଭୟ ଛାୟା ତଳେ ରହି ଆତଙ୍କବାଦୀମାନେ ଭାରତ ସଂସଦ ଉପରେ ଆକ୍ରମଣ, ୨୬.୧୧ ର ମୁମ୍ବାଇ ଆକ୍ରମଣ, ଓ ବର୍ତ୍ତମାନ ଆମ ବୀର ଜବାନ ମାନଙ୍କର ଶିରଚ୍ଛେଦ ଭଳି ବିଭିନ୍ନ ପ୍ରକାରର ଷଡ଼ଜନ୍ତ୍ରମୟ କର୍ଯ୍ୟ କଳାପ କ୍ରମାନ୍ୱୟରେ ଚଳାଇ ଅଛନ୍ତି । ଆଜି ପାକିସ୍ତାନର ସୈନ୍ୟ ବାହିନୀ ଗୋଟେ ଆଡ଼େ, ଆଇ.ଏସ.ଆଇ ଗୋଟେ ଆଡ଼େ, ସଭ୍ୟ ସରକାର ଗୋଟେ ଆଡ଼େ ତ ଆତଙ୍କବାଦୀ ସଂଗଠନ ଗୋଟେ ଆଡ଼େ ରହି ସମସ୍ତେ ନିଜ ନିଜ ଚିନ୍ତାଧାରା ସହ କାର୍ଯ୍ୟରତ । ପାକିସ୍ତାନ ଯେପର୍ଯ୍ୟନ୍ତ ନିଜ ଆତଙ୍କବାଦର କାର୍ଯ୍ୟ କଳାପକୁ ବନ୍ଦ ନକରିଛି ସେ ପର୍ଯ୍ୟନ୍ତ ଭାରତ ହେଉ ବା ଆମେରିକା ହେଉ ସେ କାହାରି ସହ ମଧ୍ୟ ବନ୍ଧୁତ୍ୱର ସମ୍ପର୍କ ରଖିପାରିବ ନାହିଁ । କେବଳ ଆତଙ୍କବାଦର ପରିସମାପ୍ତି ପରେ ହିଁ ତାହା ସହ ବନ୍ଧୁତ୍ୱ ସମ୍ଭବପର । କାଶ୍ମୀରର ସମ୍ବିଧାନ ଗଠନ ସମୟରେ ତାହାକୁ ଅନ୍ୟ ରାଜ୍ୟ ତୁଳନାରେ ସ୍ୱତନ୍ତ୍ର ସୁବିଧା ଯୋଗାଇ ଆମେମାନେ ବିରାଟ ଐତିହାସିକ ଭୁଲ କରିଅଛୁ । ବର୍ତ୍ତମାନ ତାହାକୁ ସୁଧାରିବାକୁ ଯାଇ ସେଠାକାର ଆଭ୍ୟନ୍ତରୀଣ ବିଦ୍ରୋହ ବିରୋଧରେ ଓ ବିଚ୍ଛିନ୍ନତାବାଦୀ ନେତାଙ୍କ ବିରୋଧରେ ଅଭିଯାନ ଆରମ୍ଭ କରିବାକୁ ପଡ଼ିବ । ସେଠାରେ ଯେଉଁଭଳି ଉନ୍ନତ ଯୁବପିଢ଼ୀ ଗଢ଼ି ଉଠୁଛନ୍ତି ତାଙ୍କର ଉତ୍ଥାନ କରିବା ମଧ୍ୟ ନିହାତି ଜରୁରୀ । ଆମକୁ ସେଠାକାର ଜନତାଙ୍କ ସପକ୍ଷରେ ଯାଇ ନୀତି ନିୟମମାନ ପ୍ରଣୟନ କରିବାକୁ ହେବ ।

ଆଜି ଦେଶ ମାଓବାଦୀ ବିଦ୍ରୋହର ମଧ୍ୟ ସାମ୍ନା କରୁଅଛି । ଦେଶର ହାରାହାରି ୨୦୦ଟି ଜିଲ୍ଲା ମୁଖ୍ୟତଃ ଆଦିବାସୀ ଅଞ୍ଚଳମାନ ଆଜି ମାଓବାଦୀଙ୍କ ଆକ୍ରମଣରେ ଆକ୍ରମିତ । ତେଣୁ ଆଦିବାସୀ ଓ ଅନୁନ୍ନତ ଅଞ୍ଚଳ ଗୁଡ଼ିକର ଉତ୍ଥାନ କରିବା ନିତ୍ୟାନ୍ତ ଜରୁରୀ । ସେ ଅଞ୍ଚଳକୁ ଯିବା ପାଇଁ ଆମକୁ ସୁରକ୍ଷା ବାହିନୀର ଆବଶ୍ୟକତା ହୋଇପାରେ । ହେଲେ ସେଠାକାର ଜନତାଙ୍କୁ ବୁଝିବାକୁ ହେବ ଯେ ମାଓବାଦୀ ମାନେ କେବେ ମଧ୍ୟ ସମାଜର ପ୍ରଗତୀରେ ଓ ଦାରିଦ୍ର୍ୟ ଦୂରିକରଣରେ ସହାୟତା କରନ୍ତି ନାହିଁ । ତାଙ୍କର ମୁଖ୍ୟ ଲକ୍ଷ୍ୟ ହେଲା ଭାରତର ଗଣତନ୍ତ୍ରକୁ ନଷ୍ଟ କରିବା ।

**ଦେଶର ବର୍ଦ୍ଧିତ ଜନସଂଖ୍ୟାକୁ ଏକ ସମ୍ପଦ ବୋଲି ଗ୍ରହଣ କରିବା**

ପ୍ରତ୍ୟେକ ବିକାଶ ଶୀଳ ଉନ୍ନତ ଦେଶର ଜନସଂଖ୍ୟା ସାଧାରଣତଃ କମ । ତାଙ୍କର ଅର୍ଥନୀତି ଅଧିକ ଜନସଂଖ୍ୟାରେ ସୁଚାରୁ ଭାବେ ଚାଲି ପାରିବ ନାହିଁ । ହେଲେ ଭାରତ ଭଳି ଏକ ଜନ ବହୁଳ ତଥା ମଧ୍ୟବିତ୍ତ ଉଚ୍ଚ ଆକାଂକ୍ଷାମୟ ଦେଶରେ ଯଦି ଯୁବ ସମାଜକୁ ଉତ୍ତମ ଭାବରେ ଶିକ୍ଷିତ କରାଇ ଯୋଗ୍ୟ କରାଇ ପାରିବା ତେବେ ସେମାନେ ଆମ ଉପରେ ବୋଝ ସମ ନହୋଇ ବରଂ ସମ୍ପଦ ଭଳି ସହାୟତା କରିବେ । ବିକାଶୀଳ ରାଷ୍ଟ୍ର ମଧ୍ୟ ଏଭଳି ସମ୍ପଦର ଆବଶ୍ୟକତା କରେ ।

ଭାରତର ସଭ୍ୟତା, ତାହାର ଇତିହାସ, ପରମ୍ପରା, ଓ ଜନସଂଖ୍ୟା ଆଦି ତାହାର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପରିଚୟ । ଯାହାକି ତାହାର କ୍ରୀଡ଼ା, ସଂଗୀତ, ଚଳଚିତ୍ର ସାହିତ୍ୟ ଆଦିରୁ ସ୍ପଷ୍ଟ ପରିମେୟ ।

ଆମକୁ ଆଜି ସମୟର ତାଳରେ ତାଳ ଦେଇ କିଛି ଆହ୍ୱାନର ସାମ୍ନା କରିବାକୁ ହେବ । ଏକ ବିଦ୍ଧିବଦ୍ଧ ଯୋଜନା ନେଇ କାର୍ଯ୍ୟ କଲେ ନିଃସଂଦେହରେ ଆମେ ସଫଳତାର ଚରମ ସୀମାକୁ ସ୍ପର୍ଶ କରିପାରିବା । ଆମର ଆଶା ନିରାଶାର ଘନ ଅନ୍ଧକାରକୁ ଦୂରେଇ ଦେବାକୁ ଆଉ ବେଶୀ ଦୂର ନୁହେଁ ।